୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.63 Bhubaneswar Wednesday April 16 2025 | ୨୭ତମ ବର୍ଷ ସଂଖ୍ୟା–୬୩ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୧୬, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ସମ୍ବଲପୁରରେ ବିଜେଡି ପ୍ରତିବାଦ ସଭାରେ ପୋଲିସର ଦମନଲୀଳା

ସମ୍ବଲପୁର, ୧୫।୪(ପି.ଏନ): ସମ୍ବଲପୁରରେ ବିଜେଡି ପ୍ରତିବାଦ ସଭାରେ ପୋଲିସର ଦମନଲୀଳା। ବର୍‌ଦ୍ଧିରେ ଲାଗିଲା କଳଙ୍କ। ବିଜୁବାବୁଙ୍କ ପ୍ରତିମୂର୍ତ୍ତି ପୋଡିବା ଘଟଣାରେ ବିଜେଡି ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆନ୍‌ଦୋଳନ କରୁଥିବାବେଳେ ପୋଲିସ କରିଛି ଅମାନୁଷିକ ଆକ୍ରମଣ। ଏପରିକି ମହିଳା କର୍ମୀଙ୍କୁ ବି ଛାଡ଼ି ନଥିଲା ପୋଲିସ। ମହିଳା କର୍ମୀଙ୍କୁ ପୋଲିସ ଘୋଷାରି ଘୋଷାରି ନେଇଥିଲା। କିଛି ମହିଳାଙ୍କ ଉପରକୁ ବି ପୋଲିସ ହାତ ଉଠାଇଥିବା ଦେଖାଯାଇଛି। ବିହାର ଓ ଉତ୍ତରପ୍ରଦେଶକୁ ଓଡ଼ିଶା ପୋଲିସ ବଳିଗଲା ବୋଲି କହିଛନ୍ତି ଆନ୍‌ଦୋଳନକାରୀ। ସରକାରୀ



କଳର ଅପବ୍ୟବହାର କରି ଆନ୍‌ଦୋଳନକାରୀଙ୍କୁ ଦମନ କରାଯାଇଛି ବୋଲି କହିଛନ୍ତି ଆନ୍‌ଦୋଳନକାରୀ। ପୋଲିସର ଆକ୍ରମଣରେ ବିଜେଡି ନେତ୍ରୀ ସଂଯୁକ୍ତା ମେହେରଙ୍କୁ ଆଘାତ ଲାଗିଛି। ସଂଯୁକ୍ତାଙ୍କ ଦୁଇଟି ଆଙ୍ଗୁଠି ଭାଙ୍ଗି ଯାଇଛି। ତାଙ୍କୁ ସଦର ମେଡ଼ିକାଲରେ ଭର୍ତ୍ତି କରାଯାଇ ଚ଼ିକିତ୍ସା କରାଯାଉଛି। ପୋଲିସର ଏଭଳି ଆଚ଼ରଣକୁ ଚ଼ାରିଆଡୁ ନିନ୍ଦା କରାଯାଇଛି।

## ୧୮ ଜିଲ୍ଲାକୁ ମିଳିଲା ବିଜେଡି ଜିଲ୍ଲା ସଭାପତି

ଭୁବନେଶ୍ୱର, ୧୫।୪(ପି.ଏନ): ବିଜେଡିର ୧୮ ଜଣିଆ ଜିଲ୍ଲା ସଭାପତି ତାଲିକା ପ୍ରକାଶ। ୧୮ ଜିଲ୍ଲାର ପ୍ରକ୍ରିୟାରେ ସିଙ୍ଗଲ ନୋମିନେସନ ହେବା ଯୋଗୁ ସଭାପତିମାନେ ନିର୍ଦ୍ୱନ୍ଦରେ ନିର୍ବାଚ଼ିତ ହୋଇଛନ୍ତି। ତିନି ଦିନ ଯାଏ ଅର୍ଥାତ ୧୩ ରୁ ୧୫ ଯାଏ ଅର୍ଥାତ ଆଜି ପର୍ଯ୍ୟନ୍ତ ଜିଲ୍ଲା ସଭାପତି ନିର୍ବାଚ଼ନ ପ୍ରକ୍ରିୟା ହୋଇଥିଲା। ଆସନ୍ତାକାଲିଠୁ ଆଉ ନିର୍ବାଚ଼ନର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହେବ। ରାଜ୍ୟ ପରିଷଦ ସଦସ୍ୟ ପାଇଁ ବିଧିବଦ୍ଧ କମିଟି ଓ ତା ପରେ ଏକଜିକ୍ୟୁଟିଭ କମିଟି ଗଠିତ ହେବ। ତା ପରେ ସଭାପତି ନିର୍ବାଚ଼ନ ପ୍ରକ୍ରିୟା ଆରମ୍ଭ ହେବ। ସଭାପତି ପଦ ପାଇଁ ନୋମିନେସନ କେବେ ଓ ନିର୍ବାଚ଼ନ କେବେ ପରବର୍ତ୍ତୀ ପର୍ଯ୍ୟାୟରେ ଚୂଡ଼ାନ୍ତ ହେବ ବୋଲି ସୂଚ଼ନା ଦେଇଛନ୍ତି ନିର୍ବାଚ଼ନ ଅଧିକାରୀ ପ୍ରତାପ ଦେବ। ଅନୁଗୁଳ ପାଇଁ ବ୍ରଜକିଶୋର ପ୍ରଧାନ, ବରଗଡ଼ ପାଇଁ ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକ ପାଇଁ ଜଗନ୍ନାଥ ସ୍ୱାଇଁ, ବୌଦ୍ଧ ପାଇଁ ପ୍ରଦୀପ ଅମାତ, ଦେବଗଡ଼ ପାଇଁ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଜିଲ୍ଲା ସଭାପତି ହୋଇଛନ୍ତି। ସେହିପରି ଗଜପତି ଲାଗି ପ୍ରଦୀପ ନାୟକ, ଜଗତସିଂହପୁର ପାଇଁ ପ୍ରଶାନ୍ତ ମୁଦୁଲି, ଯାଜପୁର ପାଇଁ ସରୋଜ କୁମାର ମହାପାତ୍ର, ଝାରସୁଗୁଡା ପାଇଁ ହରିଶ ଗଣତ୍ରା, କନ୍ଧମାଳ ପାଇଁ ପଦ୍ମନାଭ ବେହେରା, ମାଲକାନଗିରି ପାଇଁ ମାନସ ମାଡ଼କାମୀ, ମୟୂରଭଞ୍ଜ ପାଇଁ ସୁଦାମ ମାର୍ଣ୍ଡି, ନବରଙ୍ଗପୁର ପାଇଁ ମନୋହର ରନ୍ଧାରୀ, ନୟାଗଡ଼ ପାଇଁ ରମେଶ ଚ଼ନ୍ଦ୍ର ବେହେରା, ନୂଆପଡ଼ା ପାଇଁ ଅବନୀ ରଞ୍ଜନ ଯୋଶୀ, ପୁରୀ ପାଇଁ ଉମାକାନ୍ତ ସାମନ୍ତରାୟ, ସୁବର୍ଣ୍ଣପୁର ପାଇଁ ସରୋଜ କୁମାର କର୍ଣ୍ଣ ଓ ସୁନ୍ଦରଗଡ଼ ପାଇଁ ଯୋଗେଶ ସିଂ ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଛନ୍ତି।

## ଭୁବନେଶ୍ୱର ସ୍ଥିତ ଚ଼ନ୍ଦ୍ରଶେଖରପୁର ୧୩ ନମ୍ବର ୱାର୍ଡରେ ବ୍ୟାପିଛି ଝାଡ଼ାବାନ୍ତି

ଭୁବନେଶ୍ୱର, ୧୫।୪(ପି.ଏନ) : ରାଜଧାନୀରେ ବ୍ୟାପିଛି ଝାଡ଼ାବାନ୍ତି । ଚ଼ନ୍ଦ୍ରଶେଖରପୁର ଅଞ୍ଚଳରେ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା । କାମ କରୁନି ସରକାରୀ ଔଷଧ । ଦୂଷିତ ପାଣି ଯୋଗୁଁ ବଢୁଛି ସମସ୍ୟା । ଟିକିଏ ନଜର ପକାନ୍ତୁ, ଘରେ ଘରେ ରୋଗୀ । ପିଲାଠୁ ବୁଢା ଝାଡାବାନ୍ତିରେ ନୟାନ୍ତ ଲୋକେ । ଇଏ ହେଉଛି ଚ଼ନ୍ଦ୍ରଶେଖରପୁର ନୀଳମାଧବ ନିବାସର ଦୃଶ୍ୟ । ଏହି ଆପାର୍ଟମେଣ୍ଟରେ ୩ ଶହରୁ ଅଧିକ ଲୋକ ରହୁଥିବାବେଳେ ଝାଡ଼ାବାନ୍ତି ବ୍ୟାପିଥିବାରୁ ଆତଙ୍କିତ ହୋଇପଡ଼ିଛନ୍ତି ଲୋକେ । ଆପାର୍ଟମେଣ୍ଟକୁ ଆସୁଥିବା ଦୂଷିତ ପାଣି ଯୋଗୁଁ ଏପରି ସମସ୍ୟା



ଉପୁଜିଥିବା ଲୋକେ ଅଭିଯୋଗ କରିଛନ୍ତି । କିଛି ଆକ୍ରାନ୍ତ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି ହୋଇଥିବାବେଳେ କେତେକ ଘରେ ଘରେ ରହି ଚ଼ିକିତ୍ସିତ ହେଉଛନ୍ତି ।୫ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଥିବାରୁ ନୟାନ୍ତ ହେଲେଣି ଲୋକେ । ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ଅନୁଧ୍ୟାନ କରି ମେଡିସିନ ଦେଇଥିଲେ ସୁଦ୍ଧା ଏହା କାମ କରୁ ନଥିବା ଲୋକେ ଅଭିଯୋଗ କରିଛନ୍ତି । ଡାକ୍ତରଙ୍କ ବଦଳରେ ଫାର୍ମାସୀଷ୍ଟ ମାନେ ଦିନେ ଆସି ମେଡିସିନ ବାଣ୍ଟି ଦେଇଥିବା କହିଛନ୍ତି ଏଠାକାର ବାସିନ୍ଦା । ତେଣୁ ବାଧ୍ୟ ହୋଇ ବାହାରୁ ମେଡ଼ିସିନ୍ କିଣି ଖର୍ଚ୍ଚାନ୍ତ ହେଉଛନ୍ତି ଲେକେ । ପାଣି ପରୀକ୍ଷା କରିବା ସହ ଉପଯୁକ୍ତ ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି ।

## ୯ ବର୍ଷ ହେଲା ଆଗକୁ ବଢୁନି ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ କାମ

ଜୟପୁର, ୧୫।୪(ପି.ଏନ): ଆଶା ଦେଖାଇ ଠକିଦେଲା କେନ୍ଦ୍ର । ଡବଲ ଇଞ୍ଜିନ ସରକାର ବି ଫେଲ୍ । ୯ ବର୍ଷ ହେଲା ଆଗକୁ ବଢୁନି ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ । ପୂର୍ବ ସରକାର ଜମି ଦେବାକୁ ଘୋଷଣା କରିବା ସହିତ ଜମି ଅଧିଗ୍ରହଣ କାମ ବି ଆରମ୍ଭ କରିଥିଲେ । କିନ୍ତୁ ସରକାର ବଦଳିବା ପରେ ଜମି ଅଧିଗ୍ରହଣ କରିବାରେ ଫେଲ୍ ମାରିଛି । ନିର୍ବାଚ଼ନ ବେଳେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଧୋକ୍କା ଦେଇଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କୋରାପୁଟ ଜିଲ୍ଲା ଗସ୍ତ ବେଳେ ରେଳ ପ୍ରକଳ୍ପ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ କେବଳ ପ୍ରତିଶ୍ରୁତିରେ ଅଟକି ରହିଛି ଅଗ୍ରଗତି । ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଆନ୍ତରିକତା ନଥିବା ଅଭଯୋଗ କରିଛନ୍ତି ଜୟପୁର ବିଧାୟକ । କିଛି କାମ ନକରି କେବଳ ଲୋକଙ୍କୁ ଭ୍ରମିତ କରିଛନ୍ତି ଡବଲ ଇଞ୍ଜିନ ସରକାର । ଜୟପୁର ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଅଧିଗ୍ରହଣ ଅଧିକାରୀ କିପରି କାମ କରୁଛନ୍ତି ତାହା ଜଣା ପଡୁନାହିଁ ବୋଲି କହିଛନ୍ତି ବିଧାୟକ । ସେପଟେ କୋରାପୁଟ ସାଂସଦ କହିଛନ୍ତି, ବାରମ୍ବାର ସଂସଦରେ ପ୍ରଶ୍ନ କରିଥିଲେ ସୁଦ୍ଧା କୌଣସି ଉତ୍ତର ମିଳୁନାହିଁ । ସେପଟେ ଜମି ଅଧିଗ୍ରହଣବେଳେ ଜମିର ମୁଲ୍ୟକୁ ନେଇ ସମସ୍ୟା ଉଠିଥିବାରୁ ଏହାର ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା କହିଛନ୍ତି ଜିଲ୍ଲାପାଳ ।

## ମିଶନ ଶକ୍ତିକୁ ଶକ୍ତିହୀନ କରିବାକୁ ବିଜେପିର ଷଡଯନ୍ତ୍ର ଅଭିଯୋଗ

ଭୁବନେଶ୍ୱରଭୁବନେଶ୍ୱର, ୧୫।୪(ପିଏନ): ପୁଣି ରାଜନୀତି ପଶାପାଲିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ । ଉପମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟକୁ ନେଇ ଉଠିଲା ପ୍ରଶ୍ନ । ଘେରିଲେ ବିଜେଡି ଓ କଂଗ୍ରେସ । ମାଆଙ୍କୁ କିଏ କରିଛି ସଶକ୍ତ ? ଆରମ୍ଭ ହେଲା ବାକଯୁଦ୍ଧ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କଥାରେ ଭରସା କରିବେ ତ ରାଜ୍ୟର ମହିଳାମାନେ । ରାଜନୈତିକ ଉଦ୍ଦେଶ୍ୟ ରଖି ମିଶନ ଶକ୍ତିର ପୁନର୍ଗଠନ ପ୍ରକ୍ରିୟାକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଦୂର କରିପାରିବ କି ସୋସିଆଲ ମିଡିଆ ପୋଷ୍ଟ ? ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୭୦ ଲକ୍ଷ ମହିଳା ମିଶନ ଶକ୍ତି ଜରିଆରେ ସଶକ୍ତ ହୋଇଥିଲେ । ମହିଳାମାନଙ୍କୁ ୫ ହଜାରରୁ ୧୫ ଲକ୍ଷ ଯାଏ ବିଭିନ୍ନ ଯୋଜନାରେ ନବୀନ ସହାୟକ ହୋଇ ସେମାନଙ୍କୁ ସ୍ୱାବଲମ୍ବୀ କରିଥିଲେ । ଯାହା ବିଜେପି ସରକାର ଆସିବା ପରେ ବିଭିନ୍ନ ବାହାନା ଦେଖାଇ ମିଶନ ଶକ୍ତିକୁ ଶକ୍ତିହୀନ କରାଯାଇଛି । ସୁଭଦ୍ରା ଯୋଜନାରେ ମାତ୍ର ୫ ହଜାର ଟଙ୍କା



ଦେଇ କିପରି ଲକ୍ଷପତି ଦିଦି କଲେ ତାହାର ହିସାବ ମାଗିଛି ବିଜେଡି । ବିରୋଧୀ ଦଳ ମୁଖ୍ୟ ସଚେତକ କହିଛନ୍ତି ମହିଳାମାନଙ୍କୁ ଘରର ଚ଼ାରି କାନ୍ଥରୁ ବାହାରକରି ନବୀନ ସ୍ୱାବଲମ୍ବୀ କରିବା ସହ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିଥିଲେ । ଏଥିରେ ବିଜେଡି, କଂଗ୍ରେସ, ବିଜେପି ସବୁ ଦଳର ମହିଳା ସାମିଲ ହୋଇଥିଲେ । ହେଲେ ଶାସନ ବଦଳିବା ପରେ ବିଜେପି ସରକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ଦଳୀୟ ଭିତ୍ତିରେ ବିଚ଼ାର କରୁଛି । ଏଥିରେ ମହିଳା କିପରି ସ୍ୱାବଲମ୍ବୀ ହେବେ ବୋଲି ପ୍ରମିଳା ମଲ୍ଲିକ ପ୍ରଶ୍ନ କରିଛନ୍ତି । ତେଣୁ ଯେତେ ପୋଷ୍ଟ କଲେ ବି ମହିଳାମାନେ ବିଜେପି ସରକାରର ନେତୃତ୍ୱକୁ ବିଶ୍ୱାସ କରିବେ ନାହିଁ ବୋଲି ବିଜେଡି କହିଛି । ସେପଟେ କଂଗ୍ରେସ ମଧ୍ୟ ସମାନ ଅଭିଯୋଗ ଆଣିଛି । ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ କହିଛନ୍ତି ନବୀନ ପଟ୍ଟନାୟକ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମହିଳାଙ୍କୁ ଶକ୍ତିଶାଳୀ କରିଥଲେ । ହେଲେ ବିଜେପି ୨୮ ଟଙ୍କାରେ କିପରି ଉଦ୍‌ଯୋଗୀ କରିବ ବୋଲି ସୁର ପ୍ରଶ୍ନ କରିଛନ୍ତି । ସେପଟେ ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ସଶକ୍ତ କରାଯିବ । ଯାହାକୁ ନେଇ ବିଜେପି ଓ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି । ମିଶନ ଶକ୍ତି ପୁନର୍ଗଠନକୁ ନେଇ ସୃଷ୍ଟି ହୋଇଥିବା ଅବିଶ୍ୱାସ ବାତାବରଣ ଦୂର କରିବାକୁ ସରକାର ଯେତେ ଚେଷ୍ଟା କଲେ ମଧ୍ୟ ସେଥିରେ ସଫଳ ହେଉନାହାନ୍ତି । ଯାହା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସୋସିଆଲ ପୋଷ୍ଟରୁ ସ୍ପଷ୍ଟ ସଙ୍କ ?ତ ମିଳୁଛି । ଯାହାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିଜେଡି ଓ କଂଗ୍ରେସ ।

## ଭୁବନେଶ୍ୱରରେ ବ୍ୟାପିଲା ଝାଡ଼ାବାନ୍ତି, ୧୪୨ରୁ ଅଧିକ ଆକ୍ରାନ୍ତ ସୂଚ଼ନା



ଭୁବନେଶ୍ୱର, ୧୫।୪(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ବ୍ୟାପୁଛି ଝାଡାବାନ୍ତି । ଭୁବନେଶ୍ୱର ସ୍ଥିତ ଚ଼ନ୍ଦ୍ରଶେଖରପୁର ୧୩ ନମ୍ବର ୱାର୍ଡରୁ ଏହି ଖବର ସାମ୍ନାକୁ ଆସିଛି ।ଝାଡ଼ାବାନ୍ତିରେ ୧୪୨ରୁ ଅଧିକ ଆକ୍ରାନ୍ତ ସୂଚ଼ନା ରହିଛି । ତେବେ ଖବର ସମସ୍ତଙ୍କର ଚ଼ିନ୍ତାର କାରଣ ସାଜିଛି । ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଥିବା ବେଳେ ଘଟଣାସ୍ଥଳରେ ପହଞ୍ଚି ସ୍ୱାସ୍ଥ୍ୟ ବିଭାଗ ଟିମ୍ ?ର ଅନୁଧ୍ୟାନ କରିଛି । ଏହି ଖବର ସାମ୍ନାକୁ ଆସିବା ପରେ ରାଜଧାନୀବାସୀଙ୍କର ଚ଼ିନ୍ତା ବୃଦ୍ଧି ପାଇଛି ।ଦୂଷିତ ପାଣି ପିଇ ଏହା ହୋଇଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି । ପାଣି ସମ୍ପରୁ ଅପମିଶ୍ରଣ ପାଣି ପିଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି ।ପାଣି ଟାଙ୍କି ଭିତରେ ବିଭିନ୍ନ ଅଳିଆ ଆବର୍ଜନା ପଡି ପଙ୍କ ହୋଇଥିବା ବେଳେ ଦୀର୍ଘଦିନ ଧରି ସଫା ହୋଇନଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି । ରୋଗୀଙ୍କ ସାମ୍ପୁଲ କଲେକ୍ସନ କରି ଆବଶ୍ୟକୀୟ ଚ଼ିକିତ୍ସା ପ୍ରଦାନ କରୁଛନ୍ତି । ସାମ୍ପୁଲ ଟେଷ୍ଟ କରାଯାଇଥିବା ବେଳେ ପାଣି ଦୂଷିତ ରହିଥିବା ପ୍ରକାଶ ପାଇଛି ।

## ପୁଣି ନବୀନଙ୍କ ହାତରେ ମଙ୍ଗ, ନବମ ଥର ହେବେ ସଭାପତି



ଭୁବନେଶ୍ୱର, ୧୫।୪(ପି.ଏନ): ନବମ ଥର ସଭାପତି ହେବେ ନବୀନ । ସଶକ୍ତ ହେବ ବିଜେଡି, ଲଢେଇ ହେବ ଆରପାର । ୧୬ରୁ ଅଧିକ ଜିଲ୍ଲା ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚ଼ିତ । ଶେଷ ପର୍ଯ୍ୟାୟରେ ସାଂଗଠନିକ ନିର୍ବାଚ଼ନ, ଉତ୍ସାହିତ କର୍ମୀ । ପୁଣିଥରେ ବିଜେଡିର ମଙ୍ଗ ଧରିବେ ସୁପ୍ରିମୋ ନବୀନ ପଟ୍ଟନାୟକ । ବିଜେଡିରେ ନବମ ଇଂନିସ ଆରମ୍ଭ କରିବେ ନବୀନ ଓଡ଼ିଶାର ନୂଆ ବିନ୍ଧାଣୀ । ଯାହାକୁ ନେଇ ବିଜେଡି ନେତା ଓ କର୍ମୀ ଉତ୍ସାହିତ । କାରଣ ୩ମାସ ଧରି ଚ଼ାଲିଥିବା ବିଜେଡିର ସାଂଗଠନିକ ନିର୍ବାଚ଼ନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୧୬ରୁ ଅଧିକ ଜିଲ୍ଲା ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚ଼ିତ ହୋଇଛନ୍ତି । ତୃଣମୂଳସ୍ତରେ ବିଜେଡି ସଂଗଠନ ନୂଆରୂପ ନେବା ସହ ସଶକ୍ତ ହୋଇଛି । ବରିଷ୍ଠ ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ପୁଣିଥରେ ନବୀନଙ୍କ ନେତୃତ୍ୱରେ ବିଜେଡି ଶକ୍ତିଶାଳୀ ହେବା ସହ ଓଡିଶାର ବିକାଶ ଓ ସ୍ୱାଭିମାନ ପାଇଁ ଲଢେଇ ଜାରି ରଖିବ । ଆଗକୁ ପଂଚ଼ାୟତ୍ ଓ ପୌର ନିର୍ବାଚ଼ନ । ଦଳ ପୁଣିଥରେ ବଡ ବିଜୟଲାଭ କରିବ ବୋଲି ନେତା କହିଛନ୍ତି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଓଡିଶାବାସୀଙ୍କ ସେବା କରୁଛି । ତୃଣମୂଳସ୍ତରରୁ ରାଜ୍ୟ ନେତୃତ୍ୱ ଯାଏ ସଂଗଠନ ନୂଆରୂପ ନେଇଛି । ବିଜେଡି ସଶକ୍ତ ବିରୋଧୀ ଦଳ ଭାବେ ଓଡିଶାର ହକ ଓ ସ୍ୱାଭିମାନ ପାଇଁ ଲଢେଇ କରୁଛି । ଆଗକୁ ଗାଁ ଗାଁରେ ଏହି ଲଢେଇକୁ ଜୋରଦାର କରିବାକୁ ରାଜନୈତିକ ଖସଡା ପ୍ରସ୍ତୁତ କରିବ ଦଳ । ନବୀନ ପଟ୍ଟନାୟକ ନବମ ଥର ବିଜେଡି ସୁପ୍ରିମୋ ହେବା ପରେ ନବୀନଙ୍କ ଟିମରେ କିଏ ସ୍ଥାନ ପାଇବେ ତାହାକୁ ନେଇ ମଧ୍ୟ ବିଜେଡି ଅନ୍ଦର ମହଲରେ ଜୋରଦାର ଚ଼ର୍ଚ୍ଚା ଆରମ୍ଭ ହୋଇଯାଇଛି । ବିଜେଡି ସାଂଗଠନିକ ନିର୍ବାଚ଼ନକୁ ନେଇ ତୃଣମୂଳସ୍ତରରେ ଦଳୀୟ କର୍ମୀମାନେ ବେଶ ଉତ୍ସାହିତ ହୋଇଛନ୍ତି ବୋଲି ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି । ବିଜେଡିର ସାଂଗଠନିକ ନିର୍ବାଚ଼ନ କସରତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତା ୧୯ ତାରିଖ ଦିନ ନବୀନ ପଟ୍ଟନାୟକ ପୁଣିଥରେ ସଭାପତି ଭାବେ ନିର୍ବାଚ଼ିତ ହେବେ । ରାଜ୍ୟ ସଭାପତିଙ୍କ ଅନୁମୋଦନ ପରେ ବିଜେଡିର ଛାମୁଆ ସଂଗଠନ ମହିଳା, ଯୁବ, ଛାତ୍ର , ସଭାପତି ଚ଼ୟନ କରାଯିବ।

## ୱାକଫ ହିଂସା ପଛରେ ବାଂଲାଦେଶୀ ଦୁର୍ବୃତ୍ତ !

ଭୁବନେଶ୍ୱର, ୧୫।୪(ପି.ଏନ): ବିରୋଧୀଙ୍କ ବିରୋଧ ସତ୍ତ୍ୱେ କେନ୍ଦ୍ରର କ୍ଷମତାସୀନ ବିଜେପି ସରକାର ସମଗ୍ର ଦେଶରେ ୱାକଫ ଆଇନ ଲାଗୁ କରିଛନ୍ତି। ସଂସଦରେ ଉଭୟ ଗୃହରେ ଏହା ପାରିତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଲ ଉପରେ ମୋହର ଲଗାଇଥିଲେ। ଏବେ ସାରା ଦେଶରେ ୱାକଫ ଆଇନ ୨୦୨୫ ଲାଗୁ ହୋଇଛି। ତେବେ ଏହି ଆଇନକୁ ବିରୋଧ କରି ପଶ୍ଚିମବଙ୍ଗରେ ବ୍ୟାପକ ହିଂସା କାଣ୍ଡ ଦେଖାଯାଇଥିଲା। ପୋଡା ଜଳା ଠାରୁ ଆରମ୍ଭ କରି ଭଙ୍ଗାରୁଜା ଓ ଲୁଟପାଟ ହୋଇଥିଲା। ଏପରି ହିଂସାକାଣ୍ଡ ପଛରେ ବାଂଲାଦେଶୀ ଦୁର୍ବୃତ୍ତ ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ବି ରିପୋର୍ଟ ଦିଆଯାଇଛି ।ତଦନ୍ତରୁ ଆହୁରି



ଜଣାପଡିଛି ଯେ ବେଙ୍ଗଲରେ କ୍ଷମତାସୀନ ମମତା ବାନାର୍ଜୀ ସରକାର ମୁର୍ଶିଦାବାଦ ଓ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରେ ୱାକଫ ଯୋଗୁ ବିକ୍ଷୋଭ ହେଉଥିବା ବେଳେ ଅନୁପ୍ରବେଶକାରୀଙ୍କୁ ରୋକିବାରେ ବିଫଳ ହୋଇଛନ୍ତି। ବାଂଲାଦେଶୀ ଦୁର୍ବୃତ୍ତ ୱାକଫ ଆଇନ ବିରୋଧରେ ଚ଼ାଲିଥିବା ବିକ୍ଷୋଭର ଫାଇଦା ଉଠାଇ ମୁର୍ଶିଦାବାଦରେ ପ୍ରବେଶ କରିବା ସହ ହିଂସାକାଣ୍ଡ ଘଟାଇଛନ୍ତି। ଏଥିରେ ୩ ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ବାଂଲାଦେଶ ଓ ଭାରତ ସୀମାକୁ ବିଏସ୍ ?ଏଫ ଯବାନମାନେ ଜଗି ରହିଛନ୍ତି। ଏପରି ସ୍ଥିତିରେ କେମିତି ବାଂଲାଦେଶୀ ଦୁର୍ବୃତ୍ତ ଅନୁପ୍ରବେଶ କଲେ, ତାହା ମଧ୍ୟ ବଡ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି। ସେହିପରି ୱାକଫ ଆଇନ ବିରୋଧରେ ବିକ୍ଷୋଭ କରୁଥିବା ଲୋକମାନଙ୍କୁ ବଦନାମ କରିବା ପାଇଁ ଏହା ଏକ ଷଡଯନ୍ତ୍ର କି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ପଶ୍ଚିମବଙ୍ଗରେ ୮୦,୪୮୦ ୱାକଫ ସମ୍ପତ୍ତି ରହିଛି।

## ପୁଣି ଫେରିଲା ପେଗାସସ ବିବାଦ, ଚୋରି ହୋଇଛି ଭାରତୀୟଙ୍କ ହ୍ୱାଟ୍ସଆପ୍ ଡାଟା

ଭୁବନେଶ୍ୱର, ୧୫।୪(ପି.ଏନ): ଶହେ ଜଣ ଭାରତୀୟଙ୍କ ହ୍ୱାଟସଆପ୍ ହ୍ୟାକ ହୋଇଛି ! ମେକସିକୋ ପରେ ଭାରତୀୟଙ୍କ ଡାଟା ଚୋରି ବିଶ୍ୱରେ ଦ୍ୱିତୀୟ । ୬ ବର୍ଷ ପରେ ପୁଣି ଥରେ ଫେରିଲା ପେଗାସସ୍ ବିବାଦ । ୨୦୧୯ରେ ଫେସ୍ବୁକ ଓ ହ୍ୱାଟସଆପ୍ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ପେଗାସସ୍ ବିକଶିତ କରିଥିବା ଇସ୍ରାଏଲି ସଂସ୍ଥା ଏନ୍‌ଏସ୍‌ଓ ବିରୋଧରେ ଆମେରିକା କୋର୍ଟରେ ମାମଲା ଦାଏର କରିଥିଲେ । ଏକ ଜାତୀୟସ୍ତରର ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଜୁକରବର୍ଗଙ୍କ ମାମଲାରୁ ଏହି ନୂଆ ତଥ୍ୟ ସାମନାକୁ ଆସିଛି । ୨୦୨୧ରେ ୨୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଫୋନ ହ୍ୟାକ୍ ନେଇ ଅଭିଯୋଗ ଉଠିଥିଲା । ଯେଉଁଥିରେ ବିଶିଷ୍ଟ ରାଜନେତା ଓ ସାମ୍ବାଦିକଙ୍କ ସାମିଲ ଥିଲେ । ଏହାକୁ ନେଇ ସଂସଦରେ ଝଡ ଉଠିବା ସହ ସୁପ୍ରିମକୋର୍ଟରେ ଏକାଧିକ ମାମଲା ଦାୟର ହୋଇଥିଲା । ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଦୁଇଟି କମିଟିର ତଦନ୍ତ ପରେ ମାତ୍ର ୫ ଜଣଙ୍କ ଫୋନ ପ୍ରଭାବିତ ହୋଇଥିବା ଖବର ସାମନାକୁ ଆସିଥିଲା । ଏବେ ପୁଣି ଥରେ ଏନ୍‌ଏସ୍‌ଓ ଗୃପ୍ର କାରନାମା ସାମନାକୁ ଆସିବା ପରେ କେନ୍ଦ୍ର ସରକାରଙ୍କୁ ସିଧା ସିଧା ଟାର୍ଗେଟ୍ କରିଛନ୍ତି ବିରୋଧୀ । ସାଧାରଣ ଲୋକଙ୍କ ବ୍ୟକ୍ତିଗତ ଡିଜିଟାଲ ଡାଟାକୁ ସୁରକ୍ଷା ଦେବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ । ଆଜିକାଲି ଟଙ୍କାଠୁ ଆରମ୍ଭ କରି ଜମିବାଡ଼ି ସବୁ କିଛି ଲୋକେ ଡିଜିଟାଲରେ କାରବାର କରୁଛନ୍ତି । ଏଥିପାଇଁ କେନ୍ଦ୍ର ସରକାର ମଧ୍ୟ ଡିଜିଟାଲ ପ୍ଲାଟଫର୍ମର ବିକାଶ କରିଛନ୍ତି । କିନ୍ତୁ ଏହି ଡାଟା ଯେ କାଲି କୌଣସି ମାଲଓ୍ୱେର୍ କିମ୍ବା ସ୍ପାଇଓ୍ୱେର ଜରିଆରେ ଚୋରି ହେଉନଥିବା କିଏ କହିବ ? ଖୋଦ ସରକାରୀ ଓ୍ୱେବସାଇଟ ବି ହ୍ୟାକ ହେଉଛି । ଯଦି ବିକଶିତ ରାଷ୍ଟ୍ର ଆମେରିକାରେ ଉଦବେଗ ପ୍ରକାଶ ପାଉଛି । ଏଠି କେନ୍ଦ୍ର ସରକାର ଭାରତୀୟଙ୍କ ଡାଟା କିପରି ସୁରକ୍ଷିତ ରହିବ ? ସେ ନେଇ ଦୃଢ଼ ପଦକ୍ଷେପ ନେବାକୁ ବିଶେଷଜ୍ଞ ଦାବି କରିଛନ୍ତି । ପୋଗାସସ୍ ଜରିଆରେ ୫୧ଟି ରାଷ୍ଟ୍ରର ୧୨୨୩ ଲୋକଙ୍କ ଡାଟା ଚୋରି ନେଇ ତଥ୍ୟ ଆସିଛି । ମେକ୍ସିକୋରେ ସର୍ବାଧିକ ୪୫୬ ଜଣଙ୍କର ଥିବାବେଳେ ଭାରତରେ ୧୦୦ ଜଣ, ବାହାରିନରେ ୮୨, ମରୋକ୍‌କୋରେ ୬୦, ପାକିସ୍ତାନରେ ୫୮, ଇଣ୍ଡୋନେସିଆରେ ୫୪ ଓ ଇସ୍ରାଏଲରୁ ୫୧ ଜଣଙ୍କର ଡାଟା ଚୋରି ହୋଇଥିବା ଅଭିଯୋଗ ହୋଇଛି ।

## ଓଡ଼ିଶା ଆସିବେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ

ଭୁବନେଶ୍ୱର, ୧୫।୪(ପି.ଏନ): ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ । ଆସନ୍ତା ୧୭ ତାରିଖରେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀ ଓଡ଼ିଶା ଗସ୍ତରେ ଆସିବେ । ଓଡ଼ିଶା ଗସ୍ତରେ ଆସି ଏକାଧିକ ଜାତୀୟ ରାଜପଥ ପ୍ରକଳ୍ପକୁ ଉଦଘାଟନ ଏବଂ ଶିଳାନ୍ୟାସ କରିବେ । ରାଜଧାନୀର ବରମୁଣ୍ଡା



ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ ବୋଲି ସୂଚ଼ନା ରହିଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୫ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

–ପ୍ରକାଶକ








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ୱଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

# ମୋ ସହର

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ର ଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

## ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କେ ାଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଚ୍ଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣାରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Wednesday April 16 ଭୁବନେଶ୍ୱର ବୁଧବାର, ୧୬, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

## କଳିଙ୍ଗ କଳା କ୍ଷେତ୍ର ଦ୍ୱାରା ଆୟୋଜିତ ଶାସ୍ତ୍ରୀୟ ସଙ୍ଗୀତ କନସର୍ଟ 'ସ୍ୱର ସୁଧା'



ଭୁବନେଶ୍ୱର, (ପି.ଏନ): କଳିଙ୍ଗ କଳା କ୍ଷେତ୍ର (ସୁପ୍ରସିଦ୍ଧ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟରୁ ଅନ୍ୟତମ) ଏହାର ବାର୍ଷିକ ଶାସ୍ତ୍ରୀୟ ସଙ୍ଗୀତ କନସର୍ଟ 'ସ୍ୱର ସୁଧା' ନୂଆଦିଲ୍ଲୀର ତ୍ରିବେଣୀ ଅଡିଟୋରିୟମରେ ୧୪ ଏପ୍ରିଲ ୨୦୨୫, ସୋମବାରରେ ଆୟୋଜନ କରିଥିଲା। ଏହା ଭାରତର ଅନ୍ୟତମ ଶ୍ରେଷ୍ଠ ତଥା ବିଖ୍ୟାତ ହିନ୍ଦୁସ୍ତାନୀ ଭାଓଲିନ୍ ବାଦିକା ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପୂର୍ବତନ ଭାଓଲିନ୍ ବାଦିକା ଡକ୍ଟର ସ୍ୱର୍ଣ୍ଣ ଖୁଣ୍ଟିଆ ( ପଦ୍ମଭୂଷଣ ଡକ୍ଟର ଏନ୍ ରାଜମ୍ ଙ୍କ ପଟ୍ଟଶିଷ୍ୟା)ଙ୍କ ସ୍ମୃତିରେ ଆୟୋଜନ କରା ଯାଇଥିଲା। ପୂର୍ବ ବର୍ଷଗୁଡ଼ିକ ପରି ବହୁ ସଂଖ୍ୟକ ସଙ୍ଗୀତ ପ୍ରେମୀ, କଳାକାର ଏବଂ ଦର୍ଶକବୃନ୍ଦ ଏଥିରେ ଉପସ୍ଥିତ ରହି କନସର୍ଟ ଟିକୁ ହୃଦୟ ଭରି ଉପଭୋଗ କରିଥିଲେ। ସର୍ବ ପ୍ରଥମେ ଶ୍ରୀ ଶୁଭକାନ୍ତ ସାହୁଙ୍କ ଦ୍ୱାରା ପରିବେଷିତ ମନ୍ତ୍ରମୁଗ୍ଧ ମଧୁର ବଂଶୀର ମୂର୍ଚ୍ଛନାରେ ଆପ୍ଲୁତ ହୋଇଥିଲେ ସମବେତ କଳା ପ୍ରେମୀ ଦର୍ଶକ । ଶୁଭକାନ୍ତ ଜଣେ ପ୍ରତିଭାବାନ ଯୁବ ବଂଶୀବାଦକ ଏବଂ ବର୍ତ୍ତମାନ ଦିଲ୍ଲୀର ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (IIT) ରେ ବିଟେକ୍ ରେ ଅଧ୍ୟୟନରତ। ଏହି ଉଦିୟମାନ ବିଚକ୍ଷଣ ଯୁବ ବଂଶୀବାଦକଙ୍କର ସଙ୍ଗୀତ ଯାତ୍ରା ତାଙ୍କ ଜେଜେବାପା ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆ ଏବଂ ମାତା ଡକ୍ଟର ସ୍ୱର୍ଣ୍ଣ ଖୁଣ୍ଟିଆଙ୍କଠାରୁ ଆରମ୍ଭ ହୋଇଥିଲା। ତତ୍ପରେ ସେ ବଂଶୀ ମାଇଷ୍ଟ୍ରୋ ପଣ୍ଡିତ ପ୍ରବୀନ୍ ଗୋଡଖିଣ୍ଡି ଏବଂ ପଦ୍ମଭୂଷଣ ଡକ୍ଟର ଏନ. ରାଜମ୍ ଙ୍କ ମାର୍ଗଦର୍ଶନରେ ତାଲିମପ୍ରାପ୍ତ ହୋଇଥିଲେ। ଏଥିରେ ଦ୍ୱିତୀୟ ଆକର୍ଷଣ ଥିଲା ଦେଶର ଅନ୍ୟତମ ସୁନାମଧନ୍ୟ ଏବଂ ପ୍ରତିଶ୍ରୁତିବଦ୍ଧ ଯୁବ ସାରଙ୍ଗୀ ବାଦକ ମହମ୍ମଦ ତାବିଶଙ୍କ ସାରଙ୍ଗୀ ବାଦନ ।ତାଙ୍କର ସାରଙ୍ଗୀ ବାଦନ ଶୈଳୀ ଦର୍ଶକଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଥିଲା। ମୋରାଦାବାଦ ଘରାନାର ଏକ ସଙ୍ଗୀତ ପରିବାରରେ ଏହି ଯୁବ ସଙ୍ଗୀତ ଶିଳ୍ପୀଙ୍କ ଜନ୍ମ। ସେ ସାରଙ୍ଗୀ ଉସ୍ତାଦ ଗୁଲାମ ସାବିର ଖାନସାହାବଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ। ଏହି କନସଟର ଶେଷ ସ୍ପର୍ଶ ଦେଇଥିଲେ ସମ୍ମାନନୀୟା ଠୁମୁରି କୁଇନ୍ ପଦ୍ମ ବିଭୂଷଣ ବିଦୁଷୀ ଡକ୍ଟର ଗିରିଜା ଦେବୀଙ୍କ ଶିଷ୍ୟା ଭାରତର ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ଡକ୍ଟର ରୀତା ଦେବ୍। ତାଙ୍କର ଅନନ୍ୟ ସଙ୍ଗୀତ ଶୈଳୀ ପରିବେଷଣ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତାଙ୍କୁ ତବଲାରେ ପଣ୍ଡିତ ବିନୋଦ ଲେଲେ ଏବଂ ହାରମୋନିୟମ୍‌ରେ ଡକ୍ଟର ବିନୟ ମିଶ୍ର ସହଯୋଗ କରିଥିଲେ । ସଂଗୀତ କନସର୍ଟ ଆରମ୍ଭ ପୂର୍ବରୁ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ଦ୍ୱାରା ଲିଖିତ ଏକ ବହୁ ପ୍ରତିକ୍ଷିତ ପୁସ୍ତକ 'ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସରଣୀ' ନିମନ୍ତ୍ରିତ ଅତିଥି ; ପ୍ରଫେସର ଆର. ଏମ୍. ଜୋଶୀ (ଭାଇସ୍ ଚାନ୍ସେଲର, ଆଇଆଇଏଫଟି), ପ୍ରଫେସର ଉମା ଗର୍ଗ (ପୂର୍ବତନ ପ୍ରଫେସର, ଡିୟୁ), ଡକ୍ଟର ଶ୍ରୀମତୀ ପୁଷ୍ପା ସତ୍ୟଶୀଳ (ଭାଇଲିନ ବାଦିକା) ଏବଂ ଶ୍ରୀ ଗୋକୁଳ ପଟ୍ଟନାୟକ (ଅବସରପ୍ରାପ୍ତ ଆଇଏଏସ୍)ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରିଶେଷରେ ସଂଗଠକ ପ୍ରଫେସର ବସନ୍ତ ସାହୁ ଧନ୍ୟବାଦ ଅର୍ପଣ ପୂର୍ବକ ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ ସ୍ୱର ସୁଧା ହେଉଛି ଏକ ଲବ୍ଧପ୍ରତିଷ୍ଠିତ ଶାସ୍ତ୍ରୀୟ ସଙ୍ଗୀତ କନସର୍ଟ ଯାହା କଳିଙ୍ଗ କଳାକ୍ଷେତ୍ର ଦ୍ୱାରା ନିୟମିତ ଭାବରେ ଦିଲ୍ଲୀ, ଭୁବନେଶ୍ୱର, କଟକ ଏବଂ ଭାରତର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥାଏ। ଏହାର ମହତ ଉଦ୍ଦେଶ୍ୟ ଶାସ୍ତ୍ରୀୟ ଏବଂ ଓଡ଼ିଶୀ ସଙ୍ଗୀତକୁ ପ୍ରୋତ୍ସାହିତ କରିବା ସହିତ ଯୁବପିଢ଼ିଙ୍କୁ ଏଥିପ୍ରତି ସ୍ୱତଃପ୍ରୋତ ଭାବେ ଆଗ୍ରହ ପ୍ରକାଶ କରିବା ପାଇଁ ଉତ୍ସାହିତ କରିବା।

## ଓଡ଼ିଆ ପକ୍ଷ ପାଳନରେ ବନ୍ଦନୀୟ ବରପୁତ୍ରମାନଙ୍କ ସ୍ମୃତି..ସ୍ୱାକ୍ଷର



ଭଦ୍ରକ,(ପି.ଏନ):ଓଡ଼ିଆ ପକ୍ଷପାଳନର ଦ୍ୱାଦଶ ଉତ୍ସବରେ ତା ୧୨/୪/୨୫ ରିଖ ଦିନ ଜିଲ୍ଲା ସଂସ୍କୃତି ଭବନରେ ବନ୍ଦନୀୟ ବରପୁତ୍ରମାନଙ୍କର ସ୍ମୃତି ଚାରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଓଡିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମାନ୍ୟବର ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟ ଯୋଗଦାନ କରି ସମାଜର ମଙ୍ଗଳ ପାଇଁ ନିଜ ସୁଖ ସ୍ୱାଛନ୍ଦ୍ୟକୁ ବଳି ପକାଇ ଏପରିକି ବହୁ ପ୍ରତିକୂଳ ପରିସ୍ଥିତିରେ ମଧ ଓଡିଶା ପ୍ରଦେଶ ପାଇଁ, ଭାଷା ପାଇଁ ବହୁ ବରପୁତ୍ର ବଳିଦାନ ଦେବା ସହ ନିଜର କଲମ ମୁନରେ ଛାଡି ଦେଇଯାଇଛନ୍ତି ଅମର କୃତି ବୋଲି ପ୍ରକାଶ କରିଥିଲେ । ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସମ୍ମାନୀୟ ଅତିଥି ଭାବେ ଯୋଗଦାନ କରି ଏହି କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଭଦ୍ରକର ଦିବଂଗତ ସାଧକ ନିତ୍ୟାନନ୍ଦ ମହାପାତ୍ର, ବିଭୁତିଭୂଷଣ ତ୍ରିପାଠୀ, ରଘୁନାଥ ପଣ୍ଡା, ବଂଶୀବଲ୍ଲଭ ଗୋସ୍ୱାମୀ,ଡ. ହରେକୃଷ୍ଣ ମହତାବ, ଚକ୍ରଧର ବେହେରା, ଗୋକୁଳାନନ୍ଦ ମହାନ୍ତି, ମହମ୍ମଦ ହନିଫ,କବି କମଳାକାନ୍ତ ଲେଙ୍କା, ନିତ୍ୟାନନ୍ଦ ପତି ପ୍ରଭୃତି ସାରସ୍ୱତ ସାଧକ, ସ୍ୱାଧୀନତା ସଂଗ୍ରାମୀ ଓ ରାଜନୀତିଜ୍ଞ ମାନଙ୍କ ଉପରେ ବାସୁଦେବ ବାରିକ, ଅଭୟ ଦ୍ୱିବେଦୀ, ପବିତ୍ର ପାଣିଗ୍ରାହୀ, ବିଜୟ ଦାସ ଓ ଦୁର୍ଯ୍ୟୋଧନ ଦାସ ପ୍ରମୁଖ ଆଲୋକପାତ କରିଥିଲେ । ଏହି ଅବସରରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଗୌରବ ନାମରେ ୧୨ ଜଣ ବରପୁତ୍ରମାନଙ୍କ ଉପରେ ଏକ ସଚିତ୍ର ଓଡ଼ିଆ ପଞ୍ଜିକା ଜିଲ୍ଲପାଳ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିରକା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । କବି ଓ ଶିବାନୀ ପତ୍ରିକାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବହଳୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ରୂପକ ବିହାରୀ ରାୟ ଅତିଥି ପରିଚୟ ଓ ଶ୍ରୀ ଗୌରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶଥାଉକି ଓଡ଼ିଶାର ୩୦ ଟି ଜିଲ୍ଲାରେ ବରପୁତ୍ରମାନଙ୍କ ସ୍ମୃତିଚାରଣ ଉତ୍ସବ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି ।

## ବୋନସ ବୃଦ୍ଧି ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ



ପାରାଦୀପ (ପି.ଏନ): ପାରାଦୀପ ବନ୍ଦର ଡିଏଲଆର କର୍ମଚାରୀ ଙ୍କ ବୋନସ ବୃଦ୍ଧି ନିମନ୍ତେ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ଆସୋସିଏସନ ର ଦାବୀ କୁ ଶେଷରେ ଗ୍ରହଣ କରିଛନ୍ତି ପାରାଦୀପ ବନ୍ଦର ପ୍ରଶାସନ । ପୂର୍ବରୁ ଏହି ବୋନସ ରାଶି ୭ ହଜାର ଟଙ୍କା ବୃଦ୍ଧି ପାଇ ୧୩,୫୦୦ ଟଙ୍କାରେ ପହଞ୍ଚିଛି ଅର୍ଥାତ ଏଥିରେ ଅତ୍ୟଧିକ ୬,୫୦୦ ଟଙ୍କା ବୃଦ୍ଧି ଘଟିଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ଆସୋସିଏସନ ର ସଭାପତି ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଆସୋସିଏସନ ର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ଉପସଭାପତି ସୁବ୍ରତ ପ୍ରଧାନ ଏବଂ ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବୋନସ ବୃଦ୍ଧି ପାଇଁ ତାଙ୍କୁ ଫୁଲତୋଡ଼ା ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ । ତେବେ ଡିଏଲଆର ମାନଙ୍କ ଅନ୍ୟାନ୍ୟ ମୌଳିକ ସୁବିଧା ହାସଲ ପାଇଁ ସଙ୍ଘ ପକ୍ଷରୁ ନିରବଚ୍ଛିନ୍ନ ପ୍ରୟାସ ଜାରି ରହିବ ବୋଲି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି । ସୂଚନାଥାଉକି ପ୍ରକାଶଙ୍କ ନେତୃତ୍ୱରେ ପରିଚାଳିତ ସଙ୍ଘ ମାନଙ୍କର ସଠିକ ନେତୃତ୍ୱ ଏବଂ ସଂଗ୍ରାମ ଯୋଗୁଁ ସ୍ଥାନୀୟ ଶ୍ରମିକ ମାନଙ୍କର ଗୋଟିଏ ପରେ ଗୋଟିଏ ଦାବୀ ପୂରଣ ହୋଇଚାଲିଥିବା ବେଳେ ତାଙ୍କ ଉପରେ ଭାରସା କରି ବହୁ ଶ୍ରମିକ ଓ କର୍ମଚାରୀ ପ୍ରକାଶ ତ୍ରିପାଠୀଙ୍କ ଦ୍ୱାରା ପରିଚାଳିତ ଶ୍ରମିକ ସଂଘରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି।

## ନାରୀ ନିର୍ଯ୍ୟାତନା ଓ ଜାଳେଣୀ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା



ଭୁବନେଶ୍ୱର, (ପି.ଏନ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ଓଡ଼ିଶାର ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଛି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରୁ ଶ୍ରୀ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ରାମମନ୍ଦିର ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିଥିଲେ। ରାମ ମନ୍ଦିର ଛକ ଅବରୋଧ କରି ସେଠାରେ ଧାରଣା ମଧ୍ୟ ଦିଆଯାଇଥିଲା। ଏହି ପ୍ରସଙ୍ଗରେ ଶ୍ରୀ ଦାସ କହିଛନ୍ତି ଯେ, ବିଜେପି ଦଳ କ୍ଷମତାସୀନ ହେବା ପୂର୍ବରୁ ଓଡ଼ିଶାର ମହିଳାଙ୍କୁ ସୁରକ୍ଷା ଦେବା ସହ ମହିଳା ନିର୍ଯ୍ୟାତନା ନିୟନ୍ତ୍ରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଆଜି ଓଡ଼ିଶାର ମହିଳା ନିର୍ଯ୍ୟାତିତା, ଅତ୍ୟାଚାରିତା, ଅବହେଳିତା, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟାର ଶିକାର। ସ୍କୁଲ, କଲେଜ, ୟୁନିଭରସିଟିର ପରିସରରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ବିଶେଷ କରି ମହିଳା ହଷ୍ଟେଲ ଓ କନ୍ୟାଶ୍ରମରେ ଛାତ୍ରୀମାନେ ଗର୍ଭବତୀ ହୋଇପଡୁଛନ୍ତି ଓ ପିଲାଜନ୍ମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିଜ ଜିଲ୍ଲାରେ ମଧ ଏଭଳି ଅଭାବନୀୟ ଘଟଣା ଘଟିଛି। ଭୁବନେଶ୍ୱରରେ ମହିଳାମାନେ ଅସୁରକ୍ଷିତ। ପୁଲସ ପ୍ରଶାସନ ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ୬୪,୮୨୩ ମହିଳା ନିଖୋଜ ହୋଇଥିବାବେଳେ ବିଜେପି ସରକାର ଚୁପ୍ ହୋଇ ବସିଛି। ବିଧାନସଭା ଭିତରେ ଓ ବାହାରେ କଂଗ୍ରେସ ବିଧାୟକ ତଥା କଂଗ୍ରେସ ନେତୃବର୍ଗ ମହିଳାମାନଙ୍କ ସୁରକ୍ଷା ପାଇଁ ଆନ୍ଦୋଳନ କରିବାରୁ ପୁଲିସ ଅତ୍ୟାଚରରେ ଶିକାର ହୋଇଛନ୍ତି। ଗତ ମାର୍ଚ୍ଚ ୨୭ ତାରିଖରେ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ମହିଳାମାନଙ୍କ ସୁରକ୍ଷା ପାଇଁ ଯେଉଁ ନାରୀ ନ୍ୟାୟ ଆନ୍ଦୋଳନ ହୋଇଥିଲା ସେହି ଆନ୍ଦୋଳନକାରୀଙ୍କୁ ପୁଲିସ୍ ଲାଠିଚାର୍ଜ ଓ ପାଣି ମାଡ କରି ଲହୁ ଲୁହାଣ କରିଛି। ଏବେ ୫ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ ସଂଗ୍ରାମୀଙ୍କ ଉପରେ ମିଥ୍ୟା ମକଦ୍ଦମା ରୁଜୁ କରାଯାଇଛି। ଆନ୍ଦୋଳନକାରୀଙ୍କୁ ପୁଲିସ୍ ଗିରଫ କରୁଛି। ରାଜ୍ୟ ବିଜେପି ସରକାର କଂଗ୍ରେସର ଶାଣିତ ସ୍ୱରକୁ ଚାପି ପାରିବ ନାହିଁ। ଆଗକୁ ଆନ୍ଦୋଳନ ତିବ୍ରତର ହେବ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନିପତି ଯୋଗଦେଇ କହିଲେ ଯେ, ସାରା ରାଜ୍ୟରେ ମହିଳାମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ରାଜ୍ୟରେ ଦୁଃଶାସନ ଓ ରାବଣର ଶାସନ ଚାଲିଛି। ଗ୍ୟାସ ଦର କମାଇବା ପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଏବେ ଗ୍ୟାସ ଦର ୫୦ ଟଙ୍କା ବୃଦ୍ଧି କରିଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାସ, ଶୁଭେନ୍ଦୁ ମହାନ୍ତି, ସୁବ୍ରତ ମହାପାତ୍ର, ଗୀତାଞ୍ଜଳି ମହାନ୍ତି, ରଞ୍ଜିତ ପାତ୍ର, ଉଦିତ୍ ପ୍ରଧାନ, ମିହିର ଆଚାର୍ଯ୍ୟ, ଅଶୋକ ଦାସ, ପ୍ରଶାନ୍ତ ଚମ୍ପତି, ପ୍ରକାଶ ଜେନା, ରଜନୀ ମହାନ୍ତି, ଦିପକ ସାହୁ, ସାହାରୁଖ୍ ଖାନ୍, ଚୁନୁ ସିଂ, ପ୍ରସନ୍ନ ନାୟକ, ପ୍ରକାଶ ମିଶ୍ର, ସୁଶାନ୍ତ ତ୍ରିପାଠୀ, ବିରଞ୍ଚି ବାରିକ, ଶ୍ରୀୟା ମହାନ୍ତି, ଜୟଶ୍ରୀ ପାତ୍ର, ଚୈତାଳି ପଟ୍ଟନାୟକ, ସୌମେନ୍ଦ୍ର ମହାନ୍ତି, ବୈଲୋଚନ ସାହୁ, ଦେବୀ ପ୍ରସାଦ ବାହାଲିଆ, ସ୍ୱାଗତ କର, ବ୍ରହ୍ମାନନ୍ଦ ସାହୁ, ସେକ୍ ତାକ୍ୱିମ୍, ରଞ୍ଜିତ ସେନାପତି, ଦେଓ ପ୍ରସାଦ, ନାସିର୍ ଖାନ୍, ଜୟକୃଷ୍ଣ ମଲିଆ, ବିଶ୍ୱଭୂଷଣ ମହାପାତ୍ର, ପ୍ରତିକ୍ ସାହୁ, ବାବୁ ଜେନା, ଅନିଲ ଦାସ, ରବିନ୍ଦ୍ର ଦାସ ଓ ଦେବାଶିଷ ଦାସ ପ୍ରମୁଖ ଶତାଧିକକର୍ମୀ ଅଂଶ ଗ୍ରହଣ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
• Surveillance through CCTV Camera • Small Classes • Congenial Environment • Intimate, Safe & Secured Place • Experienced & loving teachers • Individual attention to each child • Spacious Playground • AC Activity Room • Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray